# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 August – 2026

**********************************

## <u>ମୁଖ୍ୟ ସମ୍ବାଦ</u>

- ରାଜସ୍ୱ ଅଭିଯୋଗର ସମାଧାନ ପାଇଁ 'ଆମ ସାଥୀ ହ୍ୱାଟ୍ସଆପ୍ ଚାଟବଟ୍'ର୍ ହେଲା ଶୁଭାରମ୍ଭ

– ଆପ୍‌ରେ ଉପଲବ୍ଧ ହେବ ବିଭାଗର ୧୬ଟି ସେବା; କହିଲେ ରାଜସ୍ୱ ମନ୍ତ୍ରୀ

- ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ଚାରି ଜଣ ଆଇନଜୀବୀଙ୍କ ନାମ ସୁପାରିସ କଲେ ସୁପ୍ରିମକୋର୍ଟ କଲେଜିୟମ

- ଜୀବନରେ ଫଟୋର ମହତ୍ତ୍ୱ ଓ ଫଟୋଗ୍ରାଫରଙ୍କ କଳାକୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଫଟୋଗ୍ରାଫି ଦିବସ

ଏବଂ

- ସକ୍ରିୟ ଅବପାତର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା

Desk

# ଆମ ସାଥୀ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି 'ଆମ ସାଥୀ ହ୍ୱାର୍ଟସ୍‌ଅପ୍ ଚାଟବଟ୍' ମାଧ୍ୟମରେ ରାଜସ୍ୱ ଅଭିଯୋଗ ସମାଧାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପୂଜାରୀ କହିଛନ୍ତି, ରାଜସ୍ୱ ବିଭାଗର ୧୬ଟି ସେବା ଏଥିରେ ଉପଲବ୍ଧ ହେବ। ପରବର୍ତ୍ତୀ ସମୟରେ ଅନ୍ୟ ଦୁଇଟି ସେବାକୁ ଏଥିରେ ସାମିଲ କରାଯିବ। କିସମ ପରିବର୍ତ୍ତନ, ବିବାହ ପଞ୍ଜୀକରଣ, ମ୍ୟୁଟେସନ୍, ଜାତି, ଆୟ, ଆବାସିକ ପ୍ରମାଣପତ୍ର ଏହି ଆପ୍‌ରେ ଉପଲବ୍ଧ ହେବ। ବିପର୍ଯ୍ୟୟ ସମୟରେ ମଧ୍ୟ ଜନସାଧାରଣ ଘରେ ରହି ବିଭାଗର ବିଭିନ୍ନ ସେବା ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

Desk

# ବିଚାରପତି ନିଯୁକ୍ତି

ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପ୍ରିମ୍‌କୋର୍ଟ କଲେଜିୟମ୍ ୪ ଜଣ ଆଇନଜୀବୀଙ୍କ ନାମ ସୁପାରିସ କରିଛନ୍ତି । ସେମାନେ ହେଲେ ଆଇନଜୀବୀ ସସ୍ମିତା ତ୍ରିପାଠୀ, ଆଦିତ୍ୟ ନାରାୟଣ ଦାସ, ରଞ୍ଜିତ ରାୟ ଏବଂ ଗୌତମ ମିଶ୍ର। ଏମାନଙ୍କୁ ନିଯୁକ୍ତି ସମ୍ପର୍କିତ ପ୍ରସ୍ତାବକୁ ଗତକାଲି କଲେଜିୟମ୍ ବୈଠକରେ ଅନୁମୋଦନ କରାଯାଇଛି । କେନ୍ଦ୍ର ସରକାରଙ୍କ

ମଞ୍ଜୁରି ମିଳିବା ପରେ ବିଚାରପତି ନିଯୁକ୍ତି ସଂକ୍ରାନ୍ତ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ । ଓଡ଼ିଶା ହାଇକୋର୍ଟର ମଞ୍ଜୁରିପ୍ରାପ୍ତ ବିଚାରପତିଙ୍କ ସଂଖ୍ୟା ୩୩ ଥିବାବେଳେ ବର୍ତ୍ତମାନ ମୁଖ୍ୟ ବିଚାରପତିଙ୍କ ସମେତ ୧୭ ଜଣ ବିଚାରପତି ରହିଛନ୍ତି ।

Desk

## ପ୍ରଶିକ୍ଷଣ ଶିବିର

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ  ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବରରେ ଯୋଗ ଦେଇଛନ୍ତି। ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଅଧିନିୟମ-୨୦୦୫ ଓ ଯୌତୁକ ନିଷେଧ ଅଧିନିୟମ ୧୯୬୧ ସମ୍ପର୍କରେ ଶିବିରରେ ଆଲୋଚନା କରାଯାଇଛି। ମହିଳାଙ୍କ ଅଧିକାର, ସୁରକ୍ଷା ଓ ନ୍ୟାୟ ପାଇଁ ଉପଲବ୍ଧ ଆଇନଗତ ବ୍ୟବସ୍ଥା ସମ୍ବନ୍ଧରେ ତୃଣମୂଳସ୍ତରରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏକ ସୁରକ୍ଷିତ, ସମ୍ମାନଜନକ ଓ ସଶକ୍ତ ସମାଜ ଗଠନ ଦିଗରେ ଏଭଳି ପ୍ରୟାସ ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

Desk

## ବିଶ୍ୱ ଫଟୋଗ୍ରାଫି ଦିବସ

ଜୀବନରେ ଫଟୋର ମହତ୍ତ୍ୱ ଓ ଫଟୋଗ୍ରାଫରଙ୍କ କଳାକୁ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଫଟୋଗ୍ରାଫି ଦିବସ ଭାବେ ପାଳନ କରାଯାଇଥାଏ। ଚିତ୍ର ଉତ୍ତୋଳନରେ ରୁଚି ରଖୁଥିବା

ତଥା ଏହାକୁ ବୃତ୍ତି ଭାବରେ ଆପଣାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଦେବା ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଶୁଣନ୍ତୁ ଏ ସମ୍ପର୍କରେ ଏ ରିପୋର୍ଟ.....

ପୁରୁଣା ସ୍ମୃତିକୁ ସାଇତି ରଖିବାର ଏକ ଉତ୍କୃଷ୍ଟ ମାଧ୍ୟମ ହେଉଛି ଫଟୋ ବା ଛବି। ଏକ ଫଟୋ ମୂଲ୍ୟବାନ ମୁହୂର୍ତ୍ତକୁ କଏଦ କରିବା ସହ ପୁରୁଣା ସ୍ମୃତିକୁ ସତେଜ କରି ରଖିଥାଏ। ଯେତେବେଳେ ଶବ୍ଦ ଭାବନାକୁ ପ୍ରକାଶ କରିବାରେ ଅସମର୍ଥ ହୁଏ ସେହି ସମୟରେ ଏକ ଫଟୋ ହଜାରେ ଶବ୍ଦ ବୟାନ କରିବାର କ୍ଷମତା ରଖେ। ଚିତ୍ର ଉତ୍ତୋଳନ ବା ଫଟୋଗ୍ରାଫି ଏକ କଳା ଭାବେ ସମାଜରେ ମାନ୍ୟତା ପାଇଛି। ଏହି କଳା ଯାହା ଆବେଗ, ଉତ୍କଣ୍ଠା, କୌତୁହଳ ଓ ସୃଜନଶୀଳତାର ମିଶ୍ରିତ ପ୍ରତିଫଳନ। ୧୮୩୯ ମସିହା ଜାନୁୟାରୀ ୯ ତାରିଖରେ ଫ୍ରାନ୍ସ୍‌ର ଜୋସେଫ ନାଇସ୍‌ଫୋର ଏବଂ ଲୁଇସ୍ ଡାଗୁଏ’ରେ ମିଳିତ ଭାବେ ଏହି ଦିବସକୁ ଆରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ଫଟୋଗ୍ରାଫ୍ କେବଳ ଏକ ଫ୍ରେମ୍ ନୁହେଁ, ଏହା ଆମ ଲୋକ, ସ୍ଥାନ, ସଂସ୍କୃତି ଓ ଭାବନାର ଚିରନ୍ତନ ପ୍ରତିଫଳନ। ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଓଡ଼ିଶାର ସୌନ୍ଦର୍ଯ୍ୟ ଐତିହ୍ୟ ଓ ପ୍ରେରଣାଦାୟୀ କାହାଣୀଗୁଡ଼ିକୁ ପ୍ରତିଟି ମୁହୂର୍ତ୍ତରେ କ୍ୟାମେରାରେ କଏଦ କରୁଥିବା ଫଟୋଗ୍ରାଫର ସମ୍ମାନ ଜଣାଇବା ପାଇଁ ଶ୍ରୀ ମାଝୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ପ୍ରତ୍ୟେକ ଫଟୋ ଅସରନ୍ତି କାହାଣୀ କହିଥାଏ। କ୍ୟାମେରା ଫ୍ରେମ୍‌ରେ ଓଡ଼ିଶାକୁ ଆହୁରି ଅଧିକ ସୁନ୍ଦର ଭାବେ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାକୁ ସେ ସମସ୍ତ ଫଟୋଗ୍ରାଫରଙ୍କୁ ଆହ୍ୱାନ ଦେଇଛନ୍ତି।

ଫଟୋଗ୍ରାଫି କେବଳ ଏକ ଚିତ୍ରର ଉତ୍ସବ ନୁହେଁ ବରଂ ଆମ ଜୀବନ, ସଂସ୍କୃତି, ଭାବାବେଗ ଏବଂ ସୃଜନଶୀଳତାର ଗଭୀର ଅଭିବ୍ୟକ୍ତି।

**ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆଁ**

Desk

## ବନ୍ୟା– ପାଣିପାଗ

ଝାଡ଼ଖଣ୍ଡ ଓ ତତ୍‌ସଂଲଗ୍ନ ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଅଞ୍ଚଳରେ ଅବପାତ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି।  ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଅପରପକ୍ଷରେ ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଉପକୂଳ ଓଡ଼ିଶାରେ ବିଭିନ୍ନ ନଦୀରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି । ଏହାଦ୍ୱାରା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାୟ ୧ ହଜାର ୩୮୦ରୁ ଊର୍ଦ୍ଧ୍ୱ ଗ୍ରାମର ୯ ଲକ୍ଷ ୪୦ ହଜାର ଲୋକ ପ୍ରଭାବିତ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ବର୍ଷାକୁ ଦୃଷ୍ଟିରେ ରଖି ଆଜି

ଭଦ୍ରକ ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ଶିକ୍ଷାନୁଷ୍ଠାନ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖାଯାଇଛି ।

ଲଗାଣ ବର୍ଷା ଜନିତ ବନ୍ୟା ପରିସ୍ଥିତି ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି...

**- V/O –**

କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ଡେରାବିଶ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର ଓ ରାଜକନିକା ବ୍ଲକରେ ବନ୍ୟା ସ୍ଥିତି ଲାଗି ରହିଛି। ୬୮ଟି ଗ୍ରାମ ପଞ୍ଚାୟତର ୧୫୫ଟି ଗ୍ରାମ ଓ ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଫଳରେ ମୋଟ ୨ ଲକ୍ଷ ୪୦ ହଜାର ୪୬୦ ଜଣ ଲୋକ ପ୍ରଭାବିତ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ବନ୍ୟା ପ୍ରଭାବିତ ଅଞ୍ଚଳରୁ ୫ ହଜାର ୯୦ ଜଣଙ୍କୁ ୨୮ଟି କେନ୍ଦ୍ରରେ ଥଇଥାନ କରାଯାଇଛି। ବନ୍ୟା ଯୋଗୁଁ ଖୋଲାଯାଇଥିବା ୨୨ଟି ରିଲିଫ କେନ୍ଦ୍ର ମଧ୍ୟରୁ ବର୍ତ୍ତମାନ ୧୦ଟି କେନ୍ଦ୍ର ଚାଲୁ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ, ଖାଦ୍ୟ ଓ ପାନୀୟ ଜଳ, ଚିକିତ୍ସା ସେବା ଯୋଗାଇ ଦିଆଯାଉଛି।

ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୨୦ ଦଶମିକ ୩/୫ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୫୪୬ ଘନଫୁଟ ଜଳପ୍ରବେଶ କରୁଥିବାବେଳେ ୧୭ଟି ଗେଟ୍ ଦେଇ ୨ ଲକ୍ଷ ୬୬ ହଜାର ୮୬୬ ଘନଫୁଟ ଜଳ ନିଷ୍କାସିତ ହେଉଛି।

Ganjam

## ସାକ୍ଷରତା କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ପିଏମ୍‌ଶ୍ରୀ ଅନ୍‌ସ୍ଲୋ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଦୁଇଦିନିଆ ବ୍ଲକସ୍ତରୀୟ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ– ଉଲ୍ଲାସ ଅନ୍ତର୍ଗତ ପ୍ରଧାନ ଶିକ୍ଷକ ଓ ସର୍ଭେୟରମାନଙ୍କ କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି ପ୍ରମୁଖ ଯୋଗଦେଇ କହିଛନ୍ତି, ୧୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ନିରକ୍ଷରଙ୍କ ଚିହ୍ନଟଠାରୁ ଆରମ୍ଭ କରି ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପର୍ଯ୍ୟନ୍ତ ଶିକ୍ଷକମାନେ ନିରନ୍ତର ପ୍ରୟାସ ଜାରି ରଖିବାକୁ କାର୍ଯ୍ୟକ୍ରମରେ ଅତିଥିମାନେ ପରାମର୍ଶ ଦେଇଥିଲେ।

Bhadrak

## ନିଶାମୁକ୍ତ ଭାରତ ଅଭିଯାନ

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଏନ୍.ଏସ୍.ଏସ୍ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଲଳିତ କୁମାର ସାହୁଙ୍କ ପୌରୋହିତରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ନିଶାମୁକ୍ତ ଭାରତ ଅଭିଯାନରେ ସମସ୍ତେ ସାମିଲ ହୋଇ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଢ଼ିବା ଲାଗି ସଂକଳ୍ପ ନେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ

ପରାମର୍ଶ ଦେଇଛନ୍ତି। ଏହି ଅବସରରେ ନିଶା ନିବାରଣ ଉପରେ ଶପଥପାଠ କରାଯାଇଥିଲା।

***IPR***

# ମୁଖ୍ୟମନ୍ତ୍ରୀ - ଜନ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ସୋମବାର ଦିନ ଜନ ଅଭିଯୋଗର ଶୁଣାଣି କରିବେ । ଏଥିପାଇଁ ଆଜି ପୂର୍ବାହ୍ନ ୧୧ଟାରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଛି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

Desk

# ବିଶ୍ୱ ମାନବିକତା ଦିବସ

ଆଜି ବିଶ୍ୱ ମାନବିକତା ଦିବସ। ବିପତ୍ତି, ଯୁଦ୍ଧ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜୀବନକୁ ବାଜି ଲଗାଇ ଅନ୍ୟର ପ୍ରାଣ ରକ୍ଷା କରୁଥିବା ପରୋପକାରୀ ବା ସ୍ୱେଚ୍ଛାସେବୀଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି– 'ସହିଦ୍ ମାନବତାବାଦୀଙ୍କୁ ସମ୍ମାନ ଓ ସ୍ୱାସ୍ଥ୍ୟସେବାର ସୁରକ୍ଷା'। ୨୦୦୩ ମସିହା ଅଗଷ୍ଟ ୧୯ରେ ଇରାକ ରାଜଧାନୀ ବାଗଦାଦ୍‌ରେ ହୋଇଥିବା ବୋମା ବିସ୍ଫୋରଣରେ ଜାତିସଂଘର ବିଶେଷ ପ୍ରତିନିଧି ସର୍ଜିଓ ଭିଏରା ଡି ମେଲୋଙ୍କ ସହ ୨୨ ଜଣ ସେବାକାରୀ ପ୍ରାଣ

ହରାଇଥିଲେ। ସେମାନଙ୍କ ସ୍ମୃତିରେ ଜାତିସଂଘ ୨୦୦୮ ମସିହାରେ ବିଶ୍ୱ ମାନବିକତା ଦିବସ ପାଳନ ନେଇ ଘୋଷଣା କରିଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସ ଅବସରରେ କହିଛନ୍ତି, ସଂକଟ ସମୟରେ ଲୋକଙ୍କ ସହାୟତା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରୁଥିବା ସମସ୍ତ କର୍ମୀଙ୍କ ସେବା, ମାନବିକତାର ପ୍ରକୃତ ଭାବନାକୁ ପ୍ରତିଫଳିତ କରେ। ବିଶେଷକରି ରାଜ୍ୟରେ ବର୍ତ୍ତମାନ ସମୟରେ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପାଇଁ ତୃଣମୂଳସ୍ତରରେ ନିରନ୍ତର କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟକୁ ଶ୍ରୀ ମାଝୀ ପ୍ରଶଂସା କରିଛନ୍ତି।

Desk

# ପୂର୍ବତନ ବିଧାୟକ ପରଲୋକ

ଲାଞ୍ଜିଗଡ଼ର ପୂର୍ବତନ ବିଧାୟକ ତଥା ଅନୁସୂଚିତ ଜାତି ଓ ଜନଜାତି ପରିଷଦର ତତ୍କାଳୀନ ଅଧ୍ୟକ୍ଷ ଶିବାଜୀ ମାଝୀଙ୍କ ଆଜି ୫୫ ବର୍ଷ ବୟସରେ ପରଲୋକ ଘଟିଛି। ୨୦୦୯ରୁ ୨୦୧୪ ମସିହା ପର୍ଯ୍ୟନ୍ତ ସେ ଲାଞ୍ଜିଗଡ଼ର ବିଧାୟକଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଲାଞ୍ଜିଗଡ଼ ଓ ଥୁଆମୂଳ–ରାମପୁରର ଆଦିବାସୀ ବହୁଳ ଦୁର୍ଗମ ଅଞ୍ଚଳର ବିକାଶ ପାଇଁ ସେ ଅନେକ କାର୍ଯ୍ୟ କରିଥିଲେ। କଳାହାଣ୍ଡି ଜିଲ୍ଲାରେ ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଜନଜାତି ପରିଷଦ ଗଠନ ହେବା ପରେ ସେ ଏହାର ପ୍ରଥମ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ପରଲୋକରେ ଦୁଃଖ

ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇ ଦିବଂଗତ ଆତ୍ମାଙ୍କ ସଦ୍‌ଗତି କାମନା କରିଛନ୍ତି।